# Visit of NSA to Moscow (07-09 February 2023)

February 09, 2023

## ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାଙ୍କ ମସ୍କୋ ଗସ୍ତ (07-09 ଫେବୃଆରୀ 2023)

**ଫେବୃଆରୀ 09, 2023**

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ୍ ଡୋଭାଲ 07-09 ଫେବୃଆରୀ 2023 ମସ୍କୋ ଗସ୍ତ କରିଥିଲେ। ସେ 08 ଫେବୃଆରୀ 2023 ରେ ଆଫଗାନିସ୍ତାନ ପ୍ରସଙ୍ଗ ଉପରେ ସୁରକ୍ଷା ପରିଷଦ ସଚିବ/ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତାମାନଙ୍କର ପଞ୍ଚମ ବହୁପକ୍ଷୀୟ ବୈଠକରେ ଅଂଶଗ୍ରହଣ କରିଥିଲେ। ଆୟୋଜକ ଦେଶ ବ୍ୟତୀତ ଭାରତ, ଇରାନ, କାଜାଖସ୍ତାନ, କିର୍ଗିଜସ୍ତାନ, ଚୀନ, ତାଜିକିସ୍ତାନ, ତୁର୍କମେନିସ୍ତାନ ଏବଂ ଉଜବେକିସ୍ତାନର ପ୍ରତିନିଧିମାନେ ଏହି ବୈଠକରେ ଉପସ୍ଥିତ ଥିଲେ। ଆଲୋଚନା ହୋଇଥିବା ପ୍ରସଙ୍ଗଗୁଡ଼ିକରେ ଆଫଗାନିସ୍ତାନ ସମ୍ମୁଖୀନ ହେଉଥିବା ସୁରକ୍ଷା ଓ ମାନବିକ ସମସ୍ୟା ଅନ୍ତର୍ଭୁକ୍ତ ଥିଲା।

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ନିଜ ବକ୍ତବ୍ୟରେ ଆଫଗାନିସ୍ତାନ ଅଞ୍ଚଳ ଆଞ୍ଚଳିକ କିମ୍ବା ବୈଶ୍ୱିକ ସ୍ତରରେ ଉଗ୍ରବାଦ ଓ ଆତଙ୍କବାଦର ଉତ୍ସ ନହେଉ ବୋଲି ସୁନିଶ୍ଚିତ କରିବା ତଥା ୟୁଏନଏସସିଆର 1267 ଅଧୀନରେ ଘୋଷିତ ଆତଙ୍କବାଦୀ ସଂଗଠନ ସମେତ ଅନ୍ୟ ଆତଙ୍କବାଦୀ ସଂଗଠନଗୁଡିକର ମୁକାବିଲା ପାଇଁ ଗୁଇନ୍ଦା ଓ ସୁରକ୍ଷା ସହଯୋଗକୁ ଆହୁରି ଜୋରଦାର କରିବା ଆବଶ୍ୟକ ବୋଲି କହିଥିଲେ।  ସେ ଆହୁରି ମଧ୍ୟ ଉଲ୍ଲେଖ କରିଥିଲେ ଯେ ଆଫଗାନିସ୍ତାନର ଲୋକଙ୍କ କଲ୍ୟାଣ ତଥା ମାନବିକ ଆବଶ୍ୟକତା ଭାରତର ପ୍ରାଥମିକତା ଅଟେ।

ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ୍ ଡୋଭାଲ ଋଷର ରାଷ୍ଟ୍ରପତି ମାନ୍ୟବର ଭ୍ଲାଦିମିର ପୁଟିନଙ୍କୁ ମଧ୍ୟ ଭେଟିଥିଲେ ଏବଂ ଦ୍ୱିପାକ୍ଷିକ ତଥା ଆଞ୍ଚଳିକ ପ୍ରସଙ୍ଗଗୁଡିକ ଉପରେ ବ୍ୟାପକ ଆଲୋଚନା କରିଥିଲେ।  ଭାରତ-ଋଷର ସ୍ୱତନ୍ତ୍ର ତଥା ବିଶେଷ ରଣନୀତିକ ଭାଗିଦାରୀକୁ କାର୍ଯ୍ୟକାରୀ କରିବା ଦିଗରେ କାର୍ଯ୍ୟ ଜାରି ରଖିବାକୁ ସହମତି ହୋଇଥିଲା।

9 ଫେବୃଆରୀ 2023 ରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ୍ ଡୋଭାଲ ଋଷ ସୁରକ୍ଷା ପରିଷଦର ସଚିବ ମାନ୍ୟବର ନିକୋଲାଇ ପାତ୍ରୁଶେଭଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ ଯେଉଁଥିରେ ଦ୍ୱିପାକ୍ଷିକ ସମ୍ପର୍କ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା। ଏତଦ୍ ବ୍ୟତୀତ ସେ ଋଷର ଉପପ୍ରଧାନମନ୍ତ୍ରୀ ତଥା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ମାନ୍ୟବର ଡେନିସ୍ ମଣ୍ଟୁରୋଭଙ୍କ ସହ ସାକ୍ଷାତ କରି ଦ୍ୱିପାକ୍ଷିକ ପ୍ରତିରକ୍ଷା ଏବଂ ଅର୍ଥନୈତିକ ସହଯୋଗ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

**ମସ୍କୋ**

**ଫେବୃଆରୀ 09, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.